# ବାଙ୍କୀ ଉପଖଣ୍ଡରୁ ୧୮୪ ସ୍ୱାବ୍ ସଂଗ୍ରହ

**ବାଙ୍କୀ,୧୫।୯/ଏନ୍‌ଏନ୍‌ଏସ୍:** ବାଙ୍କୀ ଓ ଡମପଡ଼ା ବ୍ଲକ୍‌ରେ ୧୮୪ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି । ବାଙ୍କୀ ବ୍ଲକ୍ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରତାଗଡ଼ ଦାନ୍ତକାଠିଆ ସ୍କୁଲରେ ୧୦୬ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ପଠାଯାଇଛି । ସେମାନଙ୍କ ମଧ୍ୟରୁ ୬୦ ଜଣଙ୍କର ଆଣ୍ଟିଜେନ୍ ଏବଂ ୪୬ ଜଣଙ୍କର ଆର୍ଟିଫିସିଆଲ୍ ସ୍ୱାବ୍ ସଂଗ୍ରହ କରାଯାଇଛି । ସରଣ୍ଡା ଜୋନ୍ ଜିଲ୍ଲାପରିଷଦ ସଭ୍ୟ ମାନସ କୁମାର ମହାପାତ୍ର ଓ ରତାଗଡ଼ ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତଙ୍କ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ସୁଧାଂଶୁ ଶେଖର ପଣ୍ଡା, ଡାକ୍ତର ଇନ୍ଦ୍ରାଣୀ ପ୍ରିୟଦର୍ଶିନୀ, ଡାକ୍ତର ମିଲନ୍ କୁମାର ତ୍ରିପାଠୀ, ମାନଭଞ୍ଜନ ଦଳେଇ, ମଧୁସ୍ମିତା ବିଶୋଇ, ସ୍ନେହମୟୀ ସ୍ୱାଇଁ, ସ୍ମୃତିରେଖା ବେହେରା, କଳ୍ପନା ବେହେରା, ବିଭାସିନୀ ରାଉତ, ଶୁଭେନ୍ଦୁ ସାହୁଆ, ସୁଚରିତା ସାହୁ ଓ ପୀତବାସ ସେଠ ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ ।



ସେହିପରି ଡମପଡ଼ା ବ୍ଲକ୍ ପାଥପୁର ୟୁଜିଏମ୍‌ଇ ସ୍କୁଲଠାରେ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୭୮ ଜଣଙ୍କର ସ୍ୱାବ୍ ସଂଗ୍ରହ କରାଯାଇଥିଲା । ସେଥି ମଧ୍ୟରୁ ୩୯ ଜଣଙ୍କର ଆଣ୍ଟିଜେନ୍ ଓ ୩୯ ଜଣଙ୍କ ଆର୍ଟିଫିସିଆଲ୍ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ କଟକ ପଠାଯାଇଛି । ଏହି କାର୍ଯ୍ୟକ୍ରମକୁ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱଜିତ୍ ପଣ୍ଡା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡାକ୍ତର ଜେ.ଡି ପାଣି, ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ଶାନ୍ତିଲତା ଦେଇ, ଉମାକାନ୍ତ ସ୍ୱାଇଁ, ଅପର୍ଣ୍ଣା ମହାପାତ୍ର, ବିଜୟ କୁମାର ବାରିକ, ବସନ୍ତ କୁମାର ଦାସ, ପୁଷ୍ପଲତା ଦାସ, ଶରତ କୁମାର ମୂଳିଆ ସହଯୋଗ କରିଥିଲେ ।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com